## ବାପାଙ୍କୁ ମରଣାନ୍ତକ ଆକ୍ରମଣ, ଲୋକେ ଧରି ଛେଚିଲେ

# ବିଚ୍ ରାସ୍ତାରେ ଅସଦାଚରଣ

**ବିଶ୍ୱଜିତ ପଟ୍ଟନାୟକ, ଭୁବନେଶ୍ୱର,୧୩।୧୧ :**

ମଞ୍ଚେଶ୍ୱର ଥାନା ଭାଗବତ୍ ସନ୍ଧାନ ପାଖରେ ଆଜି ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜନଗହଳିପୂର୍ଣ୍ଣ ରାସ୍ତାରେ ଜଣେ ଯୁବତୀ ଏକୁଟିଆ ଚାଲି ଯାଉଥିବା ସମୟରେ ଜଣେ ଯୁବକ ଆସି ତାଙ୍କୁ ହଠାତ୍ କୁଣ୍ଢାଇ ପକାଇବା ସହ ଅସଦାଚରଣ କରିଥିବା ଦେଖିବାକୁ ମିଳିଛି। ଯୁବତୀ ଜଣଙ୍କ ଚିତ୍କାର କରିବାରୁ ତାଙ୍କ ବାପା ଜ୍ଞାନ ରଞ୍ଜନ ମହାନ୍ତି ଦୌଡ଼ି ଆସି ବିରୋଧ କରିଥିଲେ। କିନ୍ତୁ ଯୁବକ ଜଣଙ୍କ ପାଖରେ ରଖିଥିବା ଛୁରୀରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବାରୁ ତାଙ୍କ ଡାହାଣ ହାତ କହୁଣୀ ପାଖରେ ଗଭୀର କ୍ଷତ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଯୁବକର ଏପରି କାର୍‌ନାମା ଚାଲିଥିବା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରି ନିସ୍ତୁକ ମାଡ଼ ମାରି ପୁଲିସ ଜିମା ଦେଇଛନ୍ତି। ପୁଲିସ ତାକୁ ଥାନାରେ ଅଟକ ରଖିଛି। ତା ନାମ ଶତ୍ରୁଘ୍ନ ନାୟକ ଓ ଘର ଗଞ୍ଜାମ ନୂଆଗାଁରେ ବୋଲି ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ର କହିଛନ୍ତି। ଶ୍ରୀ ମିଶ୍ରଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଯୁବତୀ ଜଣଙ୍କ ସହିଦନଗର ଅଞ୍ଚଳରେ ଥିବା ଏକ ଆଇଟି ଫାର୍ମରେ ଚାକିରି କରନ୍ତି।

ଅଫିସ କାମ ସାରି ଫେରିବା ସମୟରେ ଏହି ଘଟଣା ଘଟିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଶତ୍ରୁଘ୍ନକୁ ଉଦ୍ଧାର କରି ଥାନାକୁ ନେଇଥିଲା। ଏକ ତରଫା ଭଲ ପାଇବାକୁ ନେଇ ଏହିପରି ଘଟଣା ଘଟିଥାଇ ପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ବିଧିବଦ୍ଧ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।